# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30 April - 2025

*************************************

## ମୁଖ୍ୟ ସମ୍ବାଦ

- ଆଗାମୀ ଜନଗଣନାରେ ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି
- ପ୍ରଧାନମନ୍ତ୍ରୀ ମୁମ୍ବାଇରେ ଆସନ୍ତାକାଲି ପ୍ରଥମ ୱେଭ୍‌ସ ସମ୍ମିଳନୀ-୨୦୨୫ର କରିବେ ଉଦ୍‌ଘାଟନ
- ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଜି ରାଜ୍ୟର ୫୧ ଲକ୍ଷ ଚାଷୀଙ୍କୁ ୧ ହଜାର ୨୫ କୋଟି ଟଙ୍କାର ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ
- ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ହେଲା ଶୁଭ ଅନୁକୂଳ

ଏବଂ

- କଳିଙ୍ଗ ସୁପରକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ଖେଳାଯାଉଛି ଦୁଇଟି ସେମିଫାଇନାଲ ମ୍ୟାଚ୍

*GNR*

# ଜାତିଭିତ୍ତିକ ଜନଗଣନା

କେନ୍ଦ୍ର କ୍ୟାବିନେଟ୍ ଆଗାମୀ ଜନଗଣନାରେ ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରିବାକୁ ଆଜି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ନେଇ ଅନୁମୋଦନ ମିଳିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି...

**- V/O -**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ୟାବିନେଟର ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ଐତିହାସିକ ନିର୍ଣ୍ଣୟ ସମାଜର ସବୁବର୍ଗର ଲୋକଙ୍କୁ ଏକତ୍ରୀତ କରିବା ସହ ସାମାଜିକ, ଶୈକ୍ଷିକ ଏବଂ ଆର୍ଥିକ ଅସମାନତାକୁ ଦୂର କରିବାରେ ସହାୟକ ହେବ।

*Desk*

# ୱେଭ୍ସ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମୁମ୍ବାଇର ଜିଓ ୱାର୍ଲଡ କନଭେନସନ୍ ସେଣ୍ଟରରେ ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ– ୱେଭ୍ସ-୨୦୨୫ର ଉଦ୍‌ଘାଟନ କରିବେ। ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ବିଭିନ୍ନ ବିଷୟବସ୍ତୁ ଉପରେ ପର୍ଯ୍ୟବେସିତ। ଏହି ସମ୍ମିଳନୀ ଗଣମାଧ୍ୟମ, ମନୋରଞ୍ଜନ କ୍ଷେତ୍ର,

ଗେମିଂ, ଡିଜିଟାଲ ମିଡିଆ, କୃତ୍ରିମ ବୁଦ୍ଧିମତା, ପ୍ରସାରଣ କ୍ଷେତ୍ର ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏଥିରେ ବିଭିନ୍ନ ଅଧିବେଶନ ପ୍ରଦର୍ଶନୀ ସହିତ କଳା, ସଂଗୀତ ଏବଂ ନବସୃଜନ ମାଧମରେ ଭାରତର ଐତିହ୍ୟ ଏବଂ ବିଶ୍ୱ ଏକତାକୁ ପ୍ରଦର୍ଶନ କରାଯିବ।

ପ୍ରଧାନମନ୍ତ୍ରୀ ଏହି ଅବସରରେ କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ ବର୍ଗରେ ଚୟନ ହୋଇଥିବା ୩୨ ଜଣ ନିର୍ମାତାଙ୍କ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ୯୦ଟି ଦେଶର ପ୍ରତିନିଧିମାନେ ଯୋଗଦେବେ। ୱେଭ୍ସ ସମ୍ପର୍କରେ ବରିଷ୍ଠ ଚଳଚ୍ଚିତ୍ର ସମୀକ୍ଷକ ସୂର୍ଯ୍ୟ ଦେଓ ଆକାଶବାଣୀକୁ କହିଛନ୍ତି...

**- V/O –**

***BBSR/R***

## ଉପମୁଖ୍ୟମନ୍ତ୍ରୀ– କୃଷି ପ୍ରଣାଳୀ

ରାଜ୍ୟରେ ବିଜ୍ଞାନ ଭିତ୍ତିକ କୃଷି ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ଗ୍ରାମୀଣ ଜୀବିକା ସୁଦୃଢ଼ ହେବା ସହ ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ ଚାଷ କରିବା ଦିଗରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଭୁବନେଶ୍ୱରରେ ରାଜ୍ୟ ସରକାର ଏବଂ ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ସିଂଦେଓ କହିଛନ୍ତି, ରାଜ୍ୟରେ ଧାନସହ ଡାଲି ଓ ତୈଳବୀଜ ଚାଷକୁ

ପ୍ରୋତ୍ସାହିତ କରାଯାଉଛି । ପ୍ରାୟ ୧ ଦଶମିକ ୬ ନିୟୁତ ହେକ୍ଟର ଜମି ଚାଷ ପାଇଁ ବ୍ୟବହାର କରାଯାଉଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

*I&PR*

## ସିଏମ୍-କିଷାନ

କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଜି ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଛନ୍ତି । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟ ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ଭିନ୍ନ ଭିନ୍ନ ଶୁଭକାର୍ଯ୍ୟର ଆରମ୍ଭ ହୋଇଥାଏ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଓୟୁଏଟିଠାରେ ରାଜ୍ୟସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ସିଏମ୍-କିଷାନ ଯୋଜନାରେ ରାଜ୍ୟର ୫୧ ଲକ୍ଷ ଚାଷୀଙ୍କୁ ୧ ହଜାର ୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ଉନ୍ନତି ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି । ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । ଏହା ସହ ପ୍ରତି ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ କୃଷକ ସଙ୍ଗୀତ ପୁସ୍ତକ ଉନ୍ମୋଚନ କରିବା ସହ ଓଡ଼ିଆ ପରମ୍ପରା ଅନୁଯାୟୀ, ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ ।

# ଚନ୍ଦନ ଚାପ ଅନୁଷ୍ଠିତ

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟତୃତୀୟା ଅବସରରେ ଆଜି ପୁରୀରେ ରଥନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ନୀତି ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ଧୂପନୀତି ପରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା ନୀତି କରାଯାଇ ମହାପ୍ରଭୁଙ୍କ  ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ କରିଥିବା ବେଳେ ପାଲିଙ୍କିରେ ରାମ ଓ କୃଷ୍ଣ ବିଜେ କରି ରଥଖଳାକୁ ଆସିଥିଲେ। ଆଜ୍ଞାମାଳ ରଥ ଖଳାରେ ପହଞ୍ଚିବା ପରେ ବନଯାଗ ପଦ୍ଧତିରେ ପୂଜା ପାଇଁ ରଖାଯାଇଥିବା ୩ ଖଣ୍ଡ ଧଉରା କାଠରେ କୁରାଢ଼ୀ ମାରି ରଥ ଅନୁକୂଳ ନୀତି ଅନୁଷ୍ଠିତ ହୋଇଥିଲା। ସେହିପରି ଆଜିଠାରୁ ମଧ୍ୟ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ଏହା ୨୧ ଦିନ ଧରି ଚାଲିବ। ରଥ ଅନୁକୂଳ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସମେତ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ବିଜେ କରିଥିବା ବେଳେ ନୌକା ବିହାର କରିବେ।

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ନୟାଗଡ଼ ଜିଲ୍ଲାସ୍ଥିତ କଣ୍ଟିଲୋର ନୀଳମାଧବ କ୍ଷେତ୍ରରେ ନୀଳମାଧବଜୀଉଙ୍କ ଚନ୍ଦନ ଚାପ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ପାରମ୍ପରିକ ଚନ୍ଦନ ଯାତ୍ରାର ଆକର୍ଷଣ ସ୍ୱତନ୍ତ୍ର। ଆଜି ସକାଳୁ ଦୈନନ୍ଦୀନ ନୀତି ପରେ ପହୁଡ଼ ପଡ଼ିଥିଲା। ଶ୍ରୀନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆଜ୍ଞାମାଳ ପାଇବା ପରେ ସମସ୍ତ ନୀତିକାନ୍ତି ସାରି

ଭୋଗମଣ୍ଡପକୁ ବିଜେ ହୋଇଥିଲେ। ପରେ ଏକ ଶୋଭାଯାତ୍ରାରେ ଶ୍ରୀଜୀଉମାନଙ୍କୁ ଚନ୍ଦନ ପୁଷ୍କରିଣୀରେ ଥିବା ଚନ୍ଦନ ମଣ୍ଡପକୁ ବିଜେ କରାଯାଇ ଚନ୍ଦନ ଚାପ ନୀତି ହୋଇଥିଲା।

***Kendrapra/HS/Keonjhar/Gajapati/BHK/Desk***

## ଅକ୍ଷୟ ତୃତୀୟା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଅକ୍ଷୟ ତୃତୀୟା ଅବସରରେ ଅକ୍ଷିମୁଠି ଅନୁକୂଳ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଭଦ୍ରକରେ ଜିଲ୍ଲାସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ରାଣିତାଲ କୃଷି ବିଜ୍ଞାନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ, ବାସୁଦେବପୁର ବିଧାୟକ, ଜିଲ୍ଲପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ କ୍ଷେତରେ ଅକ୍ଷିମୁଠି ଅନୁକୂଳ କରିଥିଲେ।

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ବି.ଏନ୍.ପ୍ୟାଲେସ୍‌ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅକ୍ଷିମୁଠି ଅନୁକୂଳ ଏବଂ ଜିଲ୍ଲାସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ଚାଷ ଜମିରେ ପାରମ୍ପରିକ ରୀତିନୀତି ସହ ପୂଜାର୍ଚ୍ଚନା ଓ ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା।

କେନ୍ଦୁଝରର ଜୁଡ଼ିଆସ୍ଥିତ ଓ.ୟୁ.ଏ.ଟି. ଫାର୍ମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇ

ଅକ୍ଷିମୁଠି ଅନୁକୂଳ କରିବା ସହ ରାଜ୍ୟର କୃଷକମାନଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜଡ଼ାଙ୍ଗ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାରମ୍ପରିକ ଧାନବିହନ ପୂଜା ଏବଂ ହୋମଯଜ୍ଞ ହେବା ପରେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

***Desk***

## ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ

ସି.ଆଇ.ଏସ୍.ସି.ଇ. ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଦଶମରେ ୯୯ ଦଶମିକ ୦/୯ ପ୍ରତିଶତ ଓ ଦ୍ୱାଦଶରେ ୯୯ ଦଶମିକ ୦/୨ ପ୍ରତିଶତ ପାସ ହାର ରହିଥିବା ନେଇ  ଜଣାପଡ଼ିଛି।

***BBSR/R***

## ହୋମଗାର୍ଡ- ଅନୁକମ୍ପାମୂଳକ ସହାୟତା

ଭୁବନେଶ୍ୱର ଲୋକସେବା ଭବନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' କର୍ତ୍ତବ୍ୟରତ ଥିବା ସମୟରେ ପ୍ରାଣ ହରାଇଥିବା ହୋମଗାର୍ଡ ଜଗବନ୍ଧୁ ମାହାଲି ଏବଂ ଓ.ଏ.ପି.ଏଫ୍ ଯବାନ ଲୋକନାଥ ଶବରଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହାସହ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତିପତ୍ର ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୨ ତାରିଖ ଦିନ ଉଭୟ ପିସିଆର୍ ଭ୍ୟାନ୍‌ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ।

***HS***

## ଧାନକ୍ରୟ ବୈଠକ

ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଆସନ୍ତା ମାସ ୧୫ ତାରିଖରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏଥିପାଇଁ ୮୭ଟି ଧାନ କ୍ରୟ କେନ୍ଦ୍ରରେ ଚଳିତ ବର୍ଷ ୧୬ ଲକ୍ଷ ୨୫ ହଜାର ୮୮୦ କୁଇଣ୍ଟାଲ ଧାନକ୍ରୟ ଲକ୍ଷ୍ୟ ରଖାଯାଇଛି।

***Deogarh/HS***

## ଜୟଦେବ ଜୟନ୍ତୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଆଜି କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରୀ ଜୟଦେବ ଏବଂ ଶ୍ରୀ ଗୀତଗୋବିନ୍ଦ ପରମ୍ପରା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା।

ଦେବଗଡ଼ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଶ୍ରୀ ଜୟଦେବ ଜୟନ୍ତୀ ଉତ୍ସବ ସମାରୋହରେ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ

ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶ୍ରୀ ଜୟଦେବଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ।

***Desk***

## କଳିଙ୍ଗ ସୁପରକପ୍

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ କଳିଙ୍ଗ ସୁପରକପ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ର ଦୁଇଟି ଯାକ ସେମିଫାଇନାଲ ଆଜି ଅନୁଷ୍ଠିତ ହେଉଛି। ପ୍ରଥମ ସେମିଫାଇନାଲ ମୋହନ ବାଗାନ ସୁପରଜାଏଣ୍ଟ ଓ ଏଫ୍.ସି ଗୋଆ ମଧ୍ୟରେ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଏଫ୍.ସି. ଗୋଆ ୩-୧ ଗୋଲ୍‌ରେ ଆଗୁଆ ରହିଛି।

ସେହିଭଳି ସନ୍ଧ୍ୟା ୮ଟା ସମୟରେ ଦ୍ୱିତୀୟ ସେମିଫାଇନାଲରେ ମୁମ୍ବାଇ ସିଟି ଏଫ୍.ସି. ଓ ଜାମସେଦପୁର ଏଫ୍.ସି. ମଧ୍ୟରେ ମୁକାବିଲା ହେବ।

***MET***

## ତାପମାତ୍ରା

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

*****